# ଆଜି ଅନୁଗୋଳରେ ପାଣ୍ଡିଆନଙ୍କ ରୋଡ୍ ଶୋ

**ଅନୁଗୋଳ,୧୨।୫ (ଅମିତ କୁମାର ସାମଲ)**



### ପାଲଲହଡ଼ା, ତାଳଚେର ସାଧାରଣ ସଭାରେ ଯୋଗଦେବେ

୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ଅନୁଗୋଳ ଜିଲାରେ ଦଳୀୟ ନିର୍ବାଚନ ପ୍ରଚାରର ମଙ୍ଗ ଧରିବେ। ଅପରାହ୍ନ ସାଢ଼େ ୩ଟାରେ ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ପହଞ୍ଚି ସାଧାରଣ ସଭାରେ ଯୋଗଦେବେ। ପରେ ତାଳଚେରରେ ଏକ ସାଧାରଣ ସଭାସାରି ଅନୁଗୋଳ ଆସି ରୋଡ୍ ଶୋ' କରିବେ। ଅନୁଗୋଳରେ ୩ରୁ ସାଢ଼େ ୩ ଘଣ୍ଟାର ରୋଡ୍ ଶୋ' ରହିଥିବା ବିଜେଡିର ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ସୂଚନା ଦେଇଛନ୍ତି। ସେହିପରି ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା ପାଣ୍ଡିଆନ ଅପରାହ୍ନ ସାଢ଼େ ୩ଟାରେ ପାଲଲହଡ଼ା ନିର୍ବାଚନମଣ୍ଡଳୀର ରେଙ୍ଗାଳି ପଡ଼ିଆରେ ପହଞ୍ଚିବେ। ସେଠାରେ ସେ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସହ ବିଜେଡି ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ। ପରେ ତାଳଚେର ନିର୍ବାଚନମଣ୍ଡଳୀର ହାଣ୍ଡିଧୁଆଠାରେ ଅପରାହ୍ନ ସାଢ଼େ ୪ଟାରେ ପହଞ୍ଚି ସାଧାରଣ ସଭାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ସେଠାରୁ କାର୍ଯ୍ୟକ୍ରମ ସାରି ଅନୁଗୋଳ ନିର୍ବାଚନମଣ୍ଡଳୀରେ ସାଢ଼େ ୫ଟାରେ ପହଞ୍ଚିବେ। କିଛି ସମୟର ବିଶ୍ରାମ ପରେ ରେଭିନ୍ୟୁ କଲୋନୀ ନିକଟରୁ ରୋଡ୍ ଶୋ'ରେ ବାହାରି ଅଗ୍ନିଶମ ବିଭାଗ ଛକ, ଅମଲାପଡ଼ା ମୋହନ ସାହୁ ଛକ, ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଣା ବସ୍‌ଷ୍ଟାଣ୍ଡ, ରାଜା ଛକ, ମେଡିକାଲ ଛକ, ବଜାର ଛକ, ହରିମହୁରି ଛକ, ହୁଲୁରିସିଂହା ଛକ, ଘନ ସାହୁ ଛକ, ହେମସୁରପଡ଼ା ଛକ, ଡିଆଇସି ଛକ, ରାଜା ଛକ ଦେଇ ଥାନା ଛକ ଯାଏ ଯିବେ। ଅନୁଗୋଳରେ ରାତ୍ରୀ ଯାପନ କରି ମଙ୍ଗଳବାର ସକାଳେ ସଭାଘର ଠାରେ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ପାଣ୍ଡିଆନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲା ବିଜେଡି କ୍ୟାମ୍ପରେ ଘନ ଘନ ବୈଠକ ବସୁଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜିଲାରେ ମୋଟ ୩୦ ଜଣ ଅଧିକାରୀଙ୍କ ସହ ୧୦ ପ୍ଲାଟୁନ୍ ଫୋର୍ସ ବ୍ୟବସ୍ଥା କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୨୦ରେ ଅନୁଗୋଳ ଆସିବେ ମୋଦି

**ଅନୁଗୋଳ,୧୨।୫ (ଅମିତ କୁମାର ସାମଲ)**



- ଭାଜପା ଶିବିରରେ ଭରପୂର ଉତ୍ସାହ
- ସଭା ପାଇଁ ଚାଲିଛି ଜାଗା ଖୋଜା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଅନୁଗୋଳ ଆସି ଭାଜପାର ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ ଜିଲା ଭାଜପା ଶିବିରରେ ଭରପୂର ଉତ୍ସାହ ଦେଖାଦେଇଛି। ଏହି ସଭାରେ ଅନୁଗୋଳ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ଜିଲାର ବାକି ୪ ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ଉପସ୍ଥିତ ରହିବେ। ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଓ ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ମଞ୍ଚରେ ରହିବେ। ଅନୁଗୋଳରେ ଏହି କାର୍ଯ୍ୟକ୍ରମ ପାଇଁ ଭାଜପା ପକ୍ଷରୁ ଉପଯୁକ୍ତ ଜାଗା ଖୋଜା ଯାଉଥିବା ବେଳେ ପଞ୍ଚମହଲା ଠାରେ ଥିବା ଏକ ଖୋଲା ସ୍ଥାନରେ ସାଧାରଣ ସଭା କାର୍ଯ୍ୟ ପାଇଁ ପ୍ରାଥମିକସ୍ତରରେ ଯୋଜନା କରାଯାଉଥିବା କୁହାଯାଉଛି। ଅନୁଗୋଳ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏଠାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ କରିବା ସମ୍ଭବ ହେଉନାହିଁ। ତେଣୁ ଅନୁଗୋଳ ସହର ଉପକଣ୍ଠରେ ଥିବା ସ୍ଥାନକୁ ଭାଜପା ପକ୍ଷରୁ ଚୂଡ଼ାନ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀଙ୍କ ସଭା କାର୍ଯ୍ୟକ୍ରମ ହେବ ବୋଲି ପ୍ରାୟତଃ ସ୍ଥିର ହୋଇଥିବା ଅନୁଗୋଳ ବିଧାନସଭା ଭାଜପା ପ୍ରାର୍ଥୀ ପ୍ରଧାନ କହିଛନ୍ତି। ତେବେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସମ୍ପର୍କରେ ଖୁବ୍‌ଶୀଘ୍ର ଅବଗତ କରାଯିବ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି।

# ବିଜେଡି ପକ୍ଷରୁ ମହିଳା ସମାବେଶ

**କଣିହାଁ,୧୨।୫(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଗଦାଶିଳା ଓ ବିଜିଗୋଳ ପଞ୍ଚାୟତରେ ବିଜେଡି ପକ୍ଷରୁ ମାତୃଦିବସ ଓ ମହିଳା ସମାବେଶ ରବିବାର ଗଦାଶିଳା ଗୋଷ୍ଠୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଜେଡି ମହିଳା ସଭାନେତ୍ରୀ ଖୁଲଣା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ମହିଳା ଉପ ସଭାନେତ୍ରୀ ରଶ୍ମିତା ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମଣୀ ପ୍ରଧାନ, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତ ସଭ୍ୟ ପ୍ରଦ୍ୟୁମ୍ନ ମହାପାତ୍ର, ଦିବ୍ୟଜ୍ୟୋତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ମିଶନ ଶକ୍ତି ମାଧ୍ୟମରେ ମାତୃଶକ୍ତି ମା'ମାନେ ଆତ୍ମ ନିର୍ଭରଶୀଳ ହୋଇ ଜୀବନଯାପନ କରିବା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ପ୍ରକାଶ କରିଥିଲେ। ଶେଷରେ ଢେଙ୍କାନାଳ ବିଜେଡି ଏମ୍‌ପି ପ୍ରାର୍ଥୀ ଭାବେ ଡା. ଅବିନାଶ ସାମଲ ଏବଂ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କୁ ବିପୁଳ ସଂଖ୍ୟାରେ ମତଦାନ ଦେଇ ଜୟଯୁକ୍ତ କରିବାକୁ କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସଂକଳ୍ପ ଗ୍ରହଣ କରାଯାଇଥିଲା।



# ଥର୍ମାଲରେ ସୁରକ୍ଷା ନେତୃତ୍ୱ ଟ୍ରେନିଂ



ସୁରକ୍ଷା ଓ ନେତୃତ୍ୱ ସମ୍ପର୍କିତ କର୍ମଶାଳାରେ ଅଧିକାରୀମାନଙ୍କ ସହ ଅନ୍ୟମାନେ।

**ତାଳଚେର,୧୨।୫(ମନୋଜ ନନ୍ଦ)**

ମେସର୍ସ ଏଏସ୍‌କେ ଇଏଚ୍‌ଏସ୍ ଗ୍ରୁପ ସହାୟତାରେ ତାଳଚେର ଥର୍ମାଲ ଏନଟିପିସିରେ ସୁରକ୍ଷା ଓ ନେତୃତ୍ୱ ସମ୍ପର୍କରେ ଏକ କର୍ମଶାଳା ଗତ ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତାଳଚେର ଥର୍ମାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ ପ୍ରୋଜେକ୍ଟ ଜେ.ପି. ରାୟ, ଜିଏମ ଦୀପକ, ବିଏଚ୍‌ଇଏଲ୍ ଜିଏମ ପ୍ରୋଜେକ୍ଟ ଏସ. କେ. କୋଡାପେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ମୁଖ୍ୟତଃ ସୁରକ୍ଷା ଓ ସୁରକ୍ଷା ସମ୍ପର୍କିତ ନେତୃତ୍ୱ ଦ୍ୱାରା କାର୍ଯ୍ୟସ୍ଥଳୀରେ ସୁରକ୍ଷିତ ରହିବା ଏବଂ ଭବିଷ୍ୟରେ ସୁରକ୍ଷା କୁ ଆହୁରି ମଜଭୁତ କରିବା ଉପରେ ଭାବ ବିନିମୟ କରାଯାଇଥିଲା। ଥର୍ମାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବ କହିଥିଲେ, ସୁରକ୍ଷା ସମ୍ପର୍କରେ ନେତୃତ୍ୱ ଆଜିର ପ୍ରକଳ୍ପ ପାଇଁ କେତେ ଦରକାରୀ ଓ ସୁରକ୍ଷା ନିୟମାବଳୀର ଉପଯୋଗ ଆଜି ଓ ଆସନ୍ତାକାଲିକୁ ସୁରକ୍ଷିତ ରଖିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ମିସ୍ ସୋନାଲ ନାଙ୍ଗିଆ ଓ ଜେ. କେ. ଆନନ୍ଦ ସୁରକ୍ଷା କିପରି ସାମାଜିକ ଓ ନୈତିକ ବିକାଶରେ ସାହାଯ୍ୟ କରିବ ତଥା ପ୍ଲାଣ୍ଟର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ସମୟରେ ସୁରକ୍ଷାକୁ କିପରି ଶୀର୍ଷ ସ୍ଥାନ ଦିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି କର୍ମଶାଳା ସମସ୍ତ ସୁରକ୍ଷା ଟ୍ରେନିଂର ଅଧିକାରୀମାନଙ୍କୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଥିଲା।

# ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ପ୍ରଚାର

**ପାଲଲହଡା,୧୨।୫(ଦିବ୍ୟଜ୍ୟୋତି ଦାଶ)**

ସାଧାରଣ ନିର୍ବାଚନ ୨୦୨୪ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରବିବାର ଦଳର ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଏବଂ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କ ଶତାଧିକ ସମର୍ଥକ ବାଇକ ରାଲି କରି ପ୍ରଥମେ ପାଲଲହଡା ବ୍ଲକର ଶିଗଡ଼ ପଞ୍ଚାୟତ ଓ ପରେ ଚଷାଗୁରୁଜାଙ୍ଗ ପଞ୍ଚାୟତ ଏବଂ ଶେଷରେ ପବିତ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମ, ସାହି ଗସ୍ତ କରି ମାରାଥନ ପ୍ରଚାର କରିଥିଲେ। ରାଜ୍ୟ ସରକାରଙ୍କ ବିକାଶ ମୂଳକ କାମ ଏବଂ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହିତ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।



# ଗ୍ରୀଷ୍ମକାଳୀନ ଅବକାଶ ଶିବିର



**ଛେଣ୍ଡିପଦା,୧୨।୫(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଗ୍ରୀଷ୍ମକାଳୀନ ଅବକାଶ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଶାରୀରିକ ବ୍ୟାୟାମ, ଚିତ୍ରକଳାର ବିଭିନ୍ନ ପ୍ରକାର କୌଶଳ ଶିକ୍ଷା, ସଙ୍ଗୀତ ଶିକ୍ଷା, କବାଡ଼ି, ଚେସ୍ ଆଦି ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିରର ଷଷ୍ଠ ଦିବସରେ ସଙ୍ଗୀତ ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଘରକୁ ଘର ବୁଲି ଅଶୋକଙ୍କ ପ୍ରଚାର

**କଣିହାଁ,୧୨।୫(ସଚ୍ଚିଦାନନ୍ଦ ପ୍ରଧାନ)**

ଅନୁଗୋଳ ଜିଲା ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ଏହାର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଦୋକାନ ବଜାର ସହ ଘରକୁ ଘର ବୁଲି ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। ପ୍ରକଳ୍ପସ୍ଥିତ ପୁରୁଣା ଫାଣ୍ଡି ଛକଠାରୁ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ପଦଯାତ୍ରାରେ ବାହାରି ବଜାର ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ସେମାନଙ୍କ ପରିଜନଙ୍କ ସହିତ ଘରକୁ ଘର ବୁଲି ନିଜ ସହ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ପାଇଁ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ବରାଳ, ବରିଷ୍ଠ ଭାଜପା ନେତା ଭରତ ସାହୁ, ଧ୍ରୁବଚରଣ ଧୀର, ସୁମନ୍ତ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ଦିବାକର ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ବାମଦେବ ସାମଲ, ନିହାର ମିଶ୍ର, ଗୌତମ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ।

# ଏକଜୁଟ ହୋଇ କାମ କଲେ ସଫଳତା ମିଳିବ

**ଆଠମଲ୍ଲିକ,୧୨।୫(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ଥିତ ଆମ୍ବବଗିଚାରେ ରବିବାର କଂଗ୍ରେସ ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଅନାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମ୍ବଲପୁର ଲୋକ ସଭା କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ଚାଉଳିଆ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ପଛୁଆ ବର୍ଗ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ, କଂଗ୍ରେସ ପର୍ଯ୍ୟବେକ୍ଷକ ପ୍ରେମ ଶଙ୍କର ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଟିକେନ ବେହେରା, ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଆଲୋକ ପ୍ରଧାନ, ପ୍ରଦୀପ ପ୍ରଧାନ, ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ କାମ କଲେ ଆସନ୍ତା ନିର୍ବାଚନରେ ନିଶ୍ଚିତ ସଫଳତା ପାଇବ ବୋଲି ପ୍ରକାଶ କରିଥିଲେ। ପ୍ରଥମେ ଏମ୍‌ପି ପ୍ରାର୍ଥୀ ପ୍ରଧାନ ଓ ବିଧାୟକ ପ୍ରାର୍ଥୀ ଚାଉଳିଆଙ୍କୁ ନାକିଚି ଛକରେ କଂଗ୍ରେସ ସମର୍ଥକମାନେ ସ୍ୱାଗତ କରି ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ଏହି କର୍ମୀ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସଭପତି ଚାଉଳିଆଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



କଂଗ୍ରେସ ତରଫରୁ ଏକ କର୍ମୀ ସମ୍ମିଳନୀରେ ଉପସ୍ଥିତ ସମ୍ବଲପୁର ଏମ୍‌ପି ଓ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

# ଭାଜପା ଲିଗାଲ ସେଲ୍‌ର ଜିଲାସ୍ତରୀୟ ସମ୍ମିଳନୀ



ଭାଜପା ଲିଗାଲ ସେଲ୍‌ର ପ୍ରଥମ ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୧୨।୫ (ଅମିତ କୁମାର ସାମଲ)**

ଅନୁଗୋଳ ଭାଜପା ଲିଗାଲ ସେଲ୍‌ର ପ୍ରଥମ ଜିଲାସ୍ତରୀୟ ସମ୍ମିଳନୀ ରବିବାର ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ପ୍ରତାପ କୁମାର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷ ରାୟ, ଜିଲା ସାଧାରଣ ସମ୍ପାଦକ ଆଇନଜୀବୀ ସୋମନାଥ ରାଉତ, ତାଳଚେରର ଆଇନଜୀବୀ ପ୍ରଭାତିନୀ ଆଚାର୍ଯ୍ୟ, ଲିଗାଲ ସେଲ୍ ଜିଲା ସଂଯୋଜକ ଆଇନଜୀବୀ ଅର୍ଜ୍ଜୁନ କୁମାର ମୁଦୁଲି ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ। ଏହି ସଭାରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା ଏବଂ ଛେଣ୍ଡିପଦାରୁ ରଞ୍ଜନ କୁମାର ପାତ୍ର, ବ୍ରଜ କିଶୋର ପ୍ରଧାନ, ଅଶୋକ କୁମାର ସାହୁ, ବସନ୍ତ କୁମାର ଦାସ, ଜଟିଆ ସାହୁ, ସନ୍ତୋଷ ସାହୁ, ବାବୁ ବିଶ୍ୱାଳ, ଗଣେଶ୍ୱର ଧଳ, ସାଧୁଚରଣ ସାହୁ, ସଞ୍ଜୟ ପ୍ରଧାନ, ଯୋଗେଶ୍ୱର ପ୍ରଧାନ, ତପନ ଦେହୁରୀ, ପ୍ରସନ୍ନ କୁମାର ବେହେରା, ପ୍ରଦୀପ କୁମାର ପ୍ରଧାନ, ପ୍ରଶାନ୍ତ ରଥ, ହେମନ୍ତ କୁମାର ସାହୁ, ଅଶୋକ ରଥ, ଭକ୍ତି ପ୍ରସାଦ ଦାସ, ମହେଶ ଚନ୍ଦ୍ର ଧଳ, ପୁରୁଷୋତ୍ତମ ନାୟକ, ସୁଦୀପ ସ୍ୱାଇଁ, ଅନୁପ କୁମାର, ଅର୍ଜ୍ଜୁନ ରାଉଳ, ବିଦ୍ୟୁତ୍ ପାଣିଗ୍ରାହୀ, ଭବାନୀ ଜ୍ୟୋତିଷ ରାୟ, ରାଜେଶ ମିଶ୍ର, ଓଁ ଚାନ୍ଦ ପ୍ରଧାନ, ପ୍ରଭାକର କନର ପ୍ରମୁଖ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

# ଓଡ଼ିଶାକୁ ୧ ନମ୍ବର କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ


ପୌରାଞ୍ଚଳର ୮ନଂ. ୱାର୍ଡରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ।

## ୮ନଂ. ୱାର୍ଡରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ଢେଙ୍କାନାଳ,୧୨।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୮ନଂ. ୱାର୍ଡରେ ରବିବାର ପୂର୍ବାହ୍ନରେ ବିଜେଡିର ଏକ ୱାର୍ଡ କାର୍ଯ୍ୟାଳୟ ସ୍ଥାନୀୟ ମହିଷାପାଟ ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁଧୀର କୁମାର ସାମଲ ଓ ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟଠାରୁ ଉଭୟେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଆସି ଗଜମରାଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ।

କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରାର୍ଥୀ ସାମଲ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ୧୨ବର୍ଷ ମଧ୍ୟରେ ଓଡ଼ିଶାକୁ ୧ ନମ୍ବର କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ବିଜେଡିର ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନାମାନ ରଖାଯାଇଛି। ଯୁବବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ବଜେଟ୍ ପ୍ରସ୍ତୁତ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ, ବିଜୁଳିରେ ୧୦୦ ୟୁନିଟ ପର୍ଯ୍ୟନ୍ତ ଶୂନ ବିଲ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ଗମନାଗମନ ଓ ପରିବହନ ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ଅନେକ ଯୋଜନା ଓ ପ୍ରକଳ୍ପ ଭେଟି ଦେଇଛନ୍ତି। ଏହିସବୁ ଯୋଜନାକୁ ପ୍ରତି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀ ଓ ନେତୃବୃନ୍ଦଙ୍କୁ ଆହ୍ୱାନ ଦେବା ସହିତ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଲୋକ ସଭା ପ୍ରାର୍ଥୀ ଡା. ସାମଲ କହିଲେ, ଢେଙ୍କାନାଳ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ବହୁ ବିକାଶ ହୋଇଛି। ଯୁବ ଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ଇସ୍ତାହାର ପ୍ରସ୍ତୁତ ହୋଇଛି। ଯୁବକ ମାନଙ୍କ ଭବିଷ୍ୟତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତାହାରରେ ରହିଛି। ଜଣେ ଯୁବକ ହିସାବରେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରି ଢେଙ୍କାନାଳ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛନ୍ତି। ଆଗାମୀ ଦିନରେ ଯୁବ ଗୋଷ୍ଠୀଙ୍କ ବିକାଶ ପାଇଁ ଅଣ୍ଟା ଭିଡ଼ିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଉପସ୍ଥିତ ଥିଲେ। ବିଜେଡି ଯୁବନେତା ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମୀ ସମ୍ମିଳନୀକୁ ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ନଗର ବିଜେଡି ସଭାପତି ବିନୋଦ କୁମାର ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଛାତ୍ର ବିଜେଡି ନଗର ସଭାପତି ସୋନୁରାମ ସିଂହ, ମହିଳା ବିଜେଡି ନଗର ସଭାପତି ଶୁଭଲକ୍ଷ୍ମୀ ସାହୁ, ଆଶାରାଣୀ ଧଳ, ଶ୍ରଦ୍ଧାଞ୍ଜଳି ସାହୁ, ଶ୍ରୀକାନ୍ତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଅରୁଣ କୁମାର ଦଳେଇ, ରାମେଶ୍ୱର ମାଇତି, ରମଜାମ ଖାଁ, ଗୁଲୁ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କର୍ମୀ ସମ୍ମିଳନୀରେ ବହୁ ସଂଖ୍ୟାରେ ମହିଳା, ପୁରୁଷ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ

ଅନୁଗୋଳ,୧୨।୫(ଅମିତ କୁମାର ସାମଲ)



ଅନୁଗୋଳ ଜିଲା ବଅଁରପାଳ ଥାନା ତୁଳସୀପାଳ ଗ୍ରାମର ତାରିଣୀ ଛକ ଠାରେ ହାତୀ ଆକ୍ରମଣରେ ରବିବାର ରାତିରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଳସୀପାଳ ଗ୍ରାମ ଗୋଡ଼ିସାହିର ପବିତ୍ର ସାହୁ (୬୨)। ପବିତ୍ର ତୁଳସୀପାଳ ତାରିଣୀ ଛକ ଠାରେ ଛତୁ ଏବଂ ପରିବା ବ୍ୟବସାୟ କରନ୍ତି। ସେ ସବୁଦିନ ପରି ରାତିରେ ବେପାର ସାରି ସାଇକେଲ ଯୋଗେ ଘରକୁ ଫେରଥିବା ବେଳେ ହାତୀ ହାବୁଡରେ ପଡି ଯାଇଥିଲେ। ଫଳରେ ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚିବା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତୁରନ୍ତ ବଅଁରପାଳ ପୋଲିସ ଏବଂ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଘଟଣା ସମ୍ପର୍କରେ ତାଳଚେର ରେଞ୍ଜର ସୁକାନ୍ତି ଦେଇ କହିଛନ୍ତି, ହାତୀ ଆକ୍ରମଣରେ ଜଣଙ୍କର ଜୀବନ ଯାଇଛି।

# ଡେଲି ମାର୍କେଟରୁ ବାଇକ୍ ଚୋରି

ଅନୁଗୋଳ,୧୨।୫
(ଅମିତ କୁମାର ସାମଲ)

ଅନୁଗୋଳ ଡେଲି ମାର୍କେଟ୍‌ରୁ ମୋଟର ସାଇକେଲ୍ ଚୋରି ହୋଇଛି। ଏ ନେଇ ଶ୍ରୀନିବାସ ମହାରଣା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନୁଗୋଳ ପୋଲିସ ନଂ. ୪୫୦/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶ୍ରୀନିବାସ ନୟାଗଡ଼ ବାସିନ୍ଦା ହୋଇଥିବାବେଳେ ଅନୁଗୋଳରେ ରେଳ ବିଭାଗରେ କାର୍ଯ୍ୟ କରୁଛନ୍ତି। ସେ ଡେଲି ମାର୍କେଟ୍‌କୁ ଗାଡ଼ି ନେଇ (ନଂ. ଓଆର୨୨ସି-୫୦୪୦) ଆସିଥିବା ବେଳେ ତାହା ଚୋରି ହୋଇଯାଇଥିଲା।

# ଶନିଶ୍ଚର ଦେବଙ୍କ ଜନ୍ମ ବାର୍ଷିକୋତ୍ସବ


ଶନିଶ୍ଚର ଦେବଙ୍କ ଷଷ୍ଠ ଜନ୍ମ ବାର୍ଷିକୋତ୍ସବ।

ଢେଙ୍କାନାଳ,୧୨।୫ (ରତନ ନାୟାର)

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରସ୍ଥିତ ଶନିଶ୍ଚର ଦେବଙ୍କ ଷଷ୍ଠ ଜନ୍ମ ବାର୍ଷିକୋତ୍ସବର ପୂର୍ଣ୍ଣାହୁତି ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ, ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦିପୂଜା, ଷୋଡଶୋପଚାର ପୂଜା ଓ ଅଗ୍ନି ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ଦିନ ଧରି ବିଭିନ୍ନ ଭୋଗରାଗ ଲାଗି କରାଯାଇ ପୂଜା ହେବା ସହିତ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ପୂଜକ ରୁଦ୍ର ନାରାୟଣ କବିଶତପଥୀ, କର୍ତ୍ତା ଶେଷଦେବ ରାଉତ, ପ୍ରମିଳା ରାଉତଙ୍କ ସମେତ ବିନୋଦ କୁମାର ବେହେରା, ଜ୍ୟୋତ୍ସ୍ନାମୟୀ ବ୍ରହ୍ମ, ନନ୍ଦ କିଶୋର ବ୍ରହ୍ମଙ୍କ ସହିତ ସମସ୍ତ ସାହିବାସୀନ୍ଦାଙ୍କ ଉପସ୍ଥିତିରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଭୁବନ,୧୨।୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଶ୍ୟାମଳ ଗ୍ରାମର ପ୍ରକାଶ ଥାଟୋଇଙ୍କ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଅସହ୍ୟ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଟେବୁଲ ଫ୍ୟାନ ସଜାଡୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ପ୍ରକାଶ ଫ୍ୟାନଟି ସଜାଡୁଥିବା ସମୟରେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଭୁବନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିଦ୍ୟୁତ୍ ଆଘାତରେ ପ୍ରକାଶଙ୍କ ହାତ ପୋଡି ଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# କଠିନ ପରିଶ୍ରମ, ନିଷ୍ଠା ରହିଲେ ସଫଳତା ଆସିବ


ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର ଉଦ୍‌ଯାପିତ

ଢେଙ୍କାନାଳ,୧୨।୫(ରତନ ନାୟାର)

ଢେଙ୍କାନାଳ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ସହରସ୍ଥିତ ନୂଆପୋଖରୀ ନିକଟସ୍ଥ ଇନ୍‌ଡୋର ହଲ୍‌ଠାରେ ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ସଭାପତି ଅମିତ ରଞ୍ଜନ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଟଙ୍କଧର ବେହେରା ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତିକ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରମୋଦ ଭଗତ୍ ଯୋଗଦେଇ କହିଲେ, କଠିନ ପରିଶ୍ରମ ଓ ନିଷ୍ଠା ରହିଲେ ସଫଳତା ଆସିବ। ଖେଳାଳିମାନେ ନିୟମିତ ଅଭ୍ୟାସ ଜାରି ରଖିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିସହିତ ଆଗାମୀ ପାରା ଅଲିମ୍ପିକ୍ସ ପାଇଁ ସେ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷକ ଅଜିତ ମହାନ୍ତି ଯୋଗ ଦେଇଥିଲେ। ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଦୀପକ କୁମାର ଦଳେଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିସହିତ ଗତ ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା ସଂଘର ଏହି ଗ୍ରୀଷ୍ମକାଳୀନ ଶିବିରରେ ଯୋଗଦେଇଥିବା ଖେଳାଳିମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଶିକ୍ଷକ ଓ ସଂଘ କର୍ମକର୍ତ୍ତାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ରଶ୍ମି ପ୍ରକାଶ ପଟ୍ଟନାୟକ ଓ ବ୍ରିଜେଶ ମିଶ୍ର ସଭା ପରିଚାଳନା କରିଥିଲେ। ଏଥିପୂର୍ବରୁ ପ୍ରମୋଦ ଭଗତଙ୍କୁ ସଂଘ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରଶିକ୍ଷକ ଭାବେ ଅମିତ ରଞ୍ଜନ ଶତପଥୀ, ପ୍ରମୋଦ ସିଂ ଓ ତାରିଣୀ ପ୍ରସାଦ ମାଝି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ମହାପାତ୍ର, ପ୍ରିୟବ୍ରତ ପ୍ରଧାନ, ଅସିମ ଦାସ, ଶୁଭ୍ରାଂଶୁ କୁମାର ଦଳେଇ, ସୁଶାନ୍ତ ସାହୁ, ସାରଦା ପ୍ରସନ୍ନ ହୋତା, ମାନଭଞ୍ଜନ ବିଶ୍ୱାଳ, ଡ. ବସନ୍ତ ଦାସ, ଅନିଲ କୁମାର ସାହୁ, ମାନସ ମଲ୍ଲିକ, ରାକେଶ ପାଣି, ମୁକେଶ ସିଂ, ବିଶ୍ୱଜିତ ସାହୁ, ଚିନ୍ମୟ ନନ୍ଦ, ଅରିବନ୍ଦ ସାହୁ, ଉଦୟଭାନୁ ସିଂହ, ସୂର୍ଯ୍ୟକାନ୍ତ ମହାପାତ୍ର, ଚିନ୍ମୟ ମିଶ୍ର, ଶେଖ ମହସିନ, ରାଜେଶ ବେହେରା, ସୁକାନ୍ତ ଦାସ, ଜୀବନ ଜ୍ୟୋତି ଓ ବିବାହସିନ୍ଧୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଶନିଶ୍ଚର ଦେବଙ୍କ କଳସଯାତ୍ରା


ଶନିଶ୍ଚର ଦେବଙ୍କ କଳସଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପିଲାମାନେ।

ଢେଙ୍କାନାଳ,୧୨।୫(ରତନ ନାୟାର)

ଢେଙ୍କାନାଳ ସହର ଟାଉନ୍ ପ୍ଲାନିଂ ଅଫିସ୍ ଛକ ଠାରେ ଶନିଶ୍ଚର ଦେବଙ୍କ ବାର୍ଷିକୋତ୍ସବ ଉପଲକ୍ଷେ ରବିବାର ସ୍ଥାନୀୟ ବଡଜୋରା ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇ ଅଧିବାସ ପୂଜା ଅରମ୍ଭ ହୋଇଥିଲା। ଉକ୍ତ ପୂଜା ତିନିଦିନ ଧରି ଚାଲିବା ସହିତ ଆସନ୍ତା ୧୪ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ମନ୍ଦିର ପୂଜକ ନଗେନ ଭଞ୍ଜ, ପୂଜକ ଯଜ୍ଞେଶ୍ୱର ମିଶ୍ର, ଶ୍ରୀବତ୍ସ ମିଶ୍ର ଓ ଦିବାକର ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ଶେଷଦେବ ସାହୁ, ସୁଦୀପ୍ତା ସାହୁ ଓ କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସାହିବାସୀନ୍ଦାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଭୁବନ,୧୨।୫( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୱାର୍ଡ ନଂ.୨ର ଲୁଣିଖିଆ ମୌଜାରୁ ରବିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କ ବେକରେ କିଛି ସ୍ଥାନରେ ଦାଗ ଥିବାରୁ ତାଙ୍କୁ କେହି ହତ୍ୟା କରି ଏଠାରେ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ନଂ. ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ନିଆଯିବ ବୋଲି ଥାନାଧିକାରୀ ମନୋସ୍ୱିନୀ ମହାପାତ୍ର କହିଛନ୍ତି।

# ବାଇକ୍‌ରୁ ପଡ଼ି ଯୁବକ ମୃତ

ଭୁବନ,୧୨।୫
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ସୀମାନ୍ତ ଯାଜପୁର ଜିଲା ମୁଣ୍ଡାକୁଳ ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଜଣେ ବାଇକ୍ ଆରୋହୀ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା ନିହଲପ୍ରସାଦ ଗ୍ରାମର ସୌରଭ କୁମାର ସାହୁ(୩୫)। ଜାତୀୟ ରାଜପଥ ୫୩ ନଂ.ରେ ସୌରଭ ପଡ଼ିଥିବା ଦେଖି ଅଞ୍ଚଳର ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ନିକଟସ୍ଥ ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୁବନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଘଟଣାଟି ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳରେ ଘଟିଥିବାରୁ ଭୁବନ ପୋଲିସ ସୁକିନ୍ଦା ଥାନା ଅଧିକାରୀଙ୍କୁ ଅଗତ କରାଇଛନ୍ତି।

# ଦୁର୍ଘଟଣାରେ ଜଣେ ଗୁରୁତର

ଛେଣ୍ଡିପଦା,୧୨।୫(ଅଜିତ ଧଳ)

ଛେଣ୍ଡିପଦା ଥାନା ମଝିବଜାର ପୋଲ ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଧୁଡାମାଳ ସାହିର ପବନା ଘୋଷ ଗୁରୁତର ହୋଇଛନ୍ତି। ପବନା ସାଇକେଲରେ ଯାଉଥିବାବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିସହ ଟ୍ରକ୍ ଚାଳକ ଓ ଖଲାସିଙ୍କୁ ଥାନା ଜିମା ଦେଇଥିଲେ। ପବନାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଚଳାଇଛି।

# ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରକ୍ତଦାନ ଶିବିର

ଢେଙ୍କାନାଳ,୧୨।୫(ରତନ ନାୟାର)

ଢେଙ୍କାନାଳ ଆର୍ଟ ଅଫ୍ ଲିଭିଂ ଶାଖା ପକ୍ଷରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ୬୮ତମ ଜନ୍ମ ଦିବସ ଉପଲକ୍ଷେ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବା ବେଳେ ଅନୁଷ୍ଠାନର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।


ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

# ରଣନୀତି ପ୍ରସ୍ତୁତିରେ ୩ ପ୍ରମୁଖ ଦଳ

## ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ

ଛେଣ୍ଡିପଦା,୧୨।୫(ଅଜିତ ଧଳ)


ଅଗସ୍ତି ବେହେରା।


ନରୋତ୍ତମ ନାୟକ।


ସୁଶାନ୍ତ କୁମାର ବେହେରା।

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ଜିଲାର ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ। ଆସନ୍ତା ୨୫ ତାରିଖରେ ଏଠାରେ ଭୋଟଗ୍ରହଣ ହେବ। ଚଳିତଥର ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସହ ମୋଟ ୪ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡିରୁ ବିଧାୟକ ସୁଶାନ୍ତ କୁମାର ବେହେରା, ଭାଜପାରୁ ଅଗସ୍ତି ବେହେରା, କଂଗ୍ରେସରୁ ନରୋତ୍ତମ ନାଏକ ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ରୁ ଭରତ କୁମାର ନାଏକ ପ୍ରାର୍ଥୀ ହୋଇଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ମୁଖ୍ୟତଃ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ହିଁ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ଏଥିପାଇଁ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ପ୍ରଚାର ପର୍ବ ଜୋର୍‌ଦାର ହୋଇଥିବା ବେଳେ ବିଜୟ ପାଇଁ ୩ ପ୍ରମୁଖ ଦଳ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

ଛେଣ୍ଡିପଦା ବିଧାନସଭା କ୍ଷେତ୍ର ପୂର୍ବରୁ କଂଗ୍ରେସର ଗଡ଼ ଭାବେ ରହି ଆସିଥିଲା। ୧୯୬୧ ମସିହାରେ କଂଗ୍ରେସ, ୧୯୬୭ ମସିହାରେ ଜନ କଂଗ୍ରେସ ଓ ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଥିଲେ। ତେବେ ୨୦୦୯ ମସିହାରୁ ଛେଣ୍ଡିପଦାକୁ ବିଜେଡି ଅକ୍ତିଆର କରିଆସିଛି। ଲଗାତର ବିଜୁ ଜନତା ଦଳ ଏଠାରୁ ଜିତୁଥିଲେ ହେଁ ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜେଡିକୁ କଡ଼ା ଟକ୍କର ଦେଇଥିଲେ। ୨୦୦୯ରେ ବିଜେଡି ପ୍ରାର୍ଥୀ ମାତ୍ର ୪୯୦୬ ଭୋଟରେ ଓ ୨୦୧୪ରେ ୯୮୦୭ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇଥିଲେ। ହେଲେ ୨୦୧୯ ନିର୍ବାଚନଠାରୁ କଂଗ୍ରେସ ପରିବର୍ତ୍ତେ ଭାଜପା ଏଠାରେ ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଏପରି କି ୨୦୧୯ରେ ଭାଜପା ପ୍ରାର୍ଥୀଙ୍କ ଠାରୁ ବିଜେଡି ପ୍ରାର୍ଥୀ ମାତ୍ର ୬୭୯୪ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ଲାଭ କରିଥିଲେ। ୨୦୦୯ରେ ଓ ୨୦୧୪ ନିର୍ବାଚନରେ ତୃତୀୟ ସ୍ଥାନରେ ଥିବା ଭାଜପା ୨୦୧୯ରେ ଦ୍ୱିତୀୟ ସ୍ଥାନକୁ ଆସିବା ସହ ବିଜେଡିକୁ କଡ଼ା ଟକ୍କର ଦେଇଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଆଶାତୀତ ସଫଳତା ମିଳିଥିଲା। ଏହାକୁ ଲକ୍ଷ୍ୟ କଲେ ୨୦୨୪ ନିର୍ବାଚନରେ ଛେଣ୍ଡିପଦାରେ ବିଜେଡି ଓ ଭାଜପା ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ସେହିପରି ଚଳିତ ନିର୍ବାଚନରେ ବିଜେଡି ଏଠାରେ ପୁରୁଣା ମୁହଁ ତଥା ବିଧାୟକ ସୁଶାନ୍ତ ବେହେରାଙ୍କୁ ପୁଣି ପ୍ରାର୍ଥୀ କରିଥିବା ବେଳେ ଭାଜପା ମଧ୍ୟ ଗତଥର ୬୭୯୪ ଭୋଟରେ ହାରିଥିବା ଅଗସ୍ତି ବେହେରାଙ୍କୁ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛି। ତେଣୁ ଏହି ଦୁଇ ଅଭିଜ୍ଞ ପ୍ରାର୍ଥୀଙ୍କ ମଧ୍ୟରେ ଏଥର ମଧ୍ୟ ମୁହାଁମୁହିଁ ଲଢ଼େଇ ହେବ ବୋଲି ଆଲୋଚନା ହେଉଥିବାରୁ ଏ ନେଇ ଉଭୟ ଦଳ ବିଜୟ ପାଇଁ ନିଜ ନିଜ ରଣନୀତିରେ ବ୍ୟସ୍ତ ରହିଛନ୍ତି। ଅପରପକ୍ଷରେ କଂଗ୍ରେସ ମଧ୍ୟ ଏହାର ପୂର୍ବ ସମ୍ମାନ ଫେରି ପାଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ଏଥର ଯୁବ ନେତା ନରୋତ୍ତମଙ୍କୁ ଛେଣ୍ଡିପଦାରୁ ପ୍ରାର୍ଥୀ କରିଥିବା ବେଳେ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି ପରିପକ୍ୱ ରାଜନେତା ନଗେନ୍ଦ୍ର ପ୍ରଧାନ। ଏମ୍‌ପି ପ୍ରାର୍ଥୀ ନଗେନ୍ଦ୍ରଙ୍କ ଯୋଗୁ ଛେଣ୍ଡିପଦାରେ କଂଗ୍ରେସ ଏକ ସୁବିଧାଜନକ ସ୍ଥିତିରେ ରହିବ ବୋଲି ଆଲୋଚନା ହେଉଛି। ହେଲେ ସମ୍ବଲପୁରରୁ ଏମ୍‌ପି ପ୍ରାର୍ଥୀ ଭାବେ ଲଢୁଥିବା ବିଜେଡିର ଟାଣୁଆ ନେତା ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଭାଜପାର ହେଭିୱେଟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଭାବ ମଧ୍ୟ ଛେଣ୍ଡିପଦା ବିଧାନସଭା ଆସନ ଉପରେ ରହିଥିବାରୁ ଏଠାରେ କିଏ ଆଗରେ ରହିବ ଏବଂ କିଏ ପଛରେ ପଡ଼ିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

